# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 26 January - 2025

# ରିପବ୍ଲିକ ଡେ

ଦେଶ ଆଜି ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥଠାରେ ଆଉ କିଛି ସମୟ ପରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ । ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିଆନ୍ତୁ ମୁଖ୍ୟ ଅତିଥିଭାବେ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବେ ।

ସମ୍ବିଧାନ ପ୍ରଣୟନରେ ୭୫ବର୍ଷ ପୂର୍ତ୍ତି ତଥା ଜନଭାଗିଦାରିତାର ନିଦର୍ଶନ ସ୍ୱରୂପ ଆଜି ସ୍ଥଳସେନା, ବାୟୁସେନା, ନୌସେନା, ଅର୍ଦ୍ଧ ସାମରିକ ବାହିନୀ, ଏନ.ସି.ସି. ଏବଂ ଏନ.ଏସ.ଏସ. ତଥା ବିଭିନ୍ନ ବର୍ଗର ସାମରିକ, ପୁଲିସ ବାହିନୀ ପକ୍ଷରୁ ସମ୍ମିଳନୀ ପରେଡ ପ୍ରଦର୍ଶନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶହିଦଙ୍କ ସମ୍ମାନାର୍ଥେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ।

# ରାଷ୍ଟ୍ରପତି

ବିଗତ ୭୫ବର୍ଷ ଧରି ସମ୍ବିଧାନ ଆମର ପ୍ରଗତିର ମାର୍ଗ ପ୍ରଶସ୍ତ କରିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ୭୬ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଗତକାଲି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ଦେଶର ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜରେ ପରିଣତ ହୋଇଛି । ଶତାବ୍ଦୀ ଧରି ଜୀବନ ପ୍ରତି ଆମର ନୈତିକ ଦୃଷ୍ଟିକୋଣରେ ନାଗରିକଙ୍କ ଅଖଣ୍ଡତା ଏକ ପ୍ରମୁଖ ଉପାଦାନ ପାଲଟିଛି ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି ।

**V/0**

# ପଦ୍ମଶ୍ରୀ ପୁରସ୍କାର

ଚଳିତବର୍ଷ ୧୩୯ଜଣଙ୍କୁ ପଦ୍ମ ପୁରସ୍କାର ଦିଆଯିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ମଧ୍ୟରେ ୭ଜଣଙ୍କୁ ପଦ୍ମ ବିଭୂଷଣ, ୧୯ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ଉପାଧି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କରିବେ । ସମ୍ମାନ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ୨୩ଜଣ ମହିଳା ଅଛନ୍ତି ।ଏହା ବ୍ୟତୀତ ୧୩ଜଣଙ୍କୁ ମରଣୋତ୍ତର ଭାବେ ପୁରସ୍କୃତ କରାଯିବ । କଳା, ସାମାଜିକ କାର୍ଯ୍ୟ, ବିଜ୍ଞାନ, ବୈଷୟିକ, ବାଣିଜ୍ୟ, ସାହିତ୍ୟ, ଶିକ୍ଷା, କ୍ରୀଡା, ପ୍ରଶାସନିକ ସେବା ଏବଂ ଚିକିତ୍ସା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ

କରାଯିବ ।    ଓଡିଶାରୁ ଡାକ୍ତର ଅଶୋକ କୁମାର ମହାପାତ୍ର, ଅଦ୍ୱୈତ ଚରଣ ଗଡନାୟକ, ଦୁର୍ଗାଚରଣ ରଣବୀର ଏବଂ ପ୍ରତିଭା ଶତପଥୀ ପଦ୍ମଶ୍ରୀ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

## ସାଧାରଣତନ୍ତ୍ର ଦିବସ ପାଳନ

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ଭୁବନେଶ୍ୱର ଗାନ୍ଧିମାର୍ଗରେ ଅନୁଷ୍ଠିତ ହେବ। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। କଟକର ବିଡାନାସୀ ମିନି ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରିବେ। ଜିଲ୍ଲାସ୍ତରରେ ମନ୍ତ୍ରୀ ଓ ଜିଲ୍ଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରିବେ ।

# ପେନ୍‌ସନ୍ ଯୋଜନା

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଏକୀକୃତ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ କରିବା ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତବର୍ଷ ଏପ୍ରିଲ ମାସରୁ ଏହି ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହେବ । ଏକୀକୃତ ପେନ୍‌ସନ୍ ଯୋଜନାରେ ୨୫ବର୍ଷ କିମ୍ବା ତା'ଠାରୁ ଅଧିକ ବର୍ଷ ଚାକିରି କରିଥିଲେ ଅବସର ପୂର୍ବ ୧୨ମାସରେ ସେମାନଙ୍କ ହାରାହାରି ମୌଳିକ ଦରମାର ୫୦ ପ୍ରତିଶତ ପେନ୍‌ସନ୍ ପାଇବେ । ସେହିପରି ସର୍ବନିମ୍ନ ୧୦ବର୍ଷ ଚାକିରି କରିଥିଲେ ମାସିକ ୧୦ହଜାର ଟଙ୍କା ପେନ୍‌ସନ୍ ମିଳିବ । ଏହାଛଡା ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ୍ୟୁ ହେଲେ ୬୦ ପ୍ରତିଶତ

ପରିବାର ପେନ୍‌ସନ୍ ମିଳିବ ବୋଲି ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି କୁହାଯାଇଛି ।

## ସଭାପତିଙ୍କ ନାମ ଘୋଷଣା

ଭାରତୀୟ ଜନତାପାର୍ଟି ପର୍ଯ୍ୟାୟକ୍ରମେ ଗତକାଲି ୨୩ଟି ସାଂଗଠନିକ ଜିଲ୍ଲାର ସଭାପତିଙ୍କ ନାମ ଘୋଷଣା କରିଛି । ବିଭିନ୍ନ ଜିଲ୍ଲା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକଙ୍କ ସମେତ ସ୍ଥାନୀୟ ସାଂସଦ, ମନ୍ତ୍ରୀ, ବିଧାୟକ ଓ ବରିଷ୍ଠ କର୍ମୀଙ୍କ ଉପସ୍ଥିତିରେ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି । ରାଜ୍ୟରେ ବିଜେପିର ମୋଟ ୩୭ଟି ସାଂଗଠନିକ ଜିଲ୍ଲା ଅଛି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ପୁରୁଷବର୍ଗରେ ଗତକାଲି ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ୍‌କୁ ୪-୨ଗୋଲରେ ଟିମ୍ ଗୋନାସିକା ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚରେ ହାଇଦ୍ରାବାଦ ତୁଫାନ୍ସ ୩-୧ ଗୋଲରେ ୟୁପି ରୁଦ୍ରାସକୁ ହରାଇ ଦେଇଛି । ରାଞ୍ଚି ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମରେ ମହିଳା ବର୍ଗରେ ଟାଇଟଲ ହାସଲ ପାଇଁ ଆଜି ସନ୍ଧ୍ୟା ୬ଟାରେ ଓଡ଼ିଶା ୱାରିୟର୍ସ ଏବଂ ସୁର୍‌ମା ହକି କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।